# Akashvani, Sambalpur

## SAMBALPURI NEWS EVENING BULLETIN

## 12 June 2026-7.02- 7.12 pm.

---

୧- ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍‌ର ଲକ୍ଷ୍ୟ ନେଇକରି ସର୍‌କାର୍ ଗୁଟେ କାର୍ଯ୍ୟଖସଡ଼ା ତିଆର୍ କରିକରି କାମ୍ କରୁଛନ୍ - କହେଲେ ମୁଖ୍ୟମନ୍ତ୍ରୀ ।

- ରାଏଜେ ବିଜେପି ସର୍‌କାର୍‌ର ୨ ବଛର୍ ପୂର୍ତ୍ତି ଅବ୍‌ସରେ ସାମ୍ବାଦିକ୍‌ମାନ୍‌କୁ ସର୍‌କାର୍‌ଙ୍କର୍ ଉପଲବ୍ଧିର ଦେଲେ ବିବରଣୀ ।

- ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନାର୍ ଇହାଦେ କର୍‌ବେ ଶୁଭାରମ୍ଭ ।

୨- ନିଟ୍ ପୁନଃ ପରୀକ୍ଷାଥି ପରୀକ୍ଷାର୍ଥୀମାନ୍‌କୁ ୧୫ ମିନିଟ୍ ଅଏତ୍‌କା ସମିଆ ଦେବାର୍ ଲାଗି ସର୍‌କାର୍‌ଙ୍କର୍ ନିଷ୍ପତି ।

ଆଉର୍

୩- ଶିଶୁ ଶ୍ରମିକ୍ ପ୍ରଥାକେ ରୁକବାର୍ ଆଉ ଶିଶୁ ଶ୍ରମ ବିରୋଧିଥି ସଚେତନତା ବଢ଼ାବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଶିଶୁ ଶ୍ରମ ନିରୋଧ୍ ଦିବସ୍ ।

ସର୍କାର୍ଙ୍କର୍ ୨ ବରସ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ଗୁଟେ କାର୍ଯ୍ୟଖସଡ଼ା ପ୍ରସ୍ତୁତ୍ କରିକରି କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଏଜେ ବିଜେପି ସର୍କାର୍ଙ୍କର୍ କାର୍ଯ୍ୟକାଳର ୨ ବଛର୍ ପୂର୍ତି ଅବ୍ସରେ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଥିବା ସାମ୍ବାଦିକ୍ ସମ୍ମିଳନୀକେ ସମ୍ବୋଧନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ, ଗଲା ୨ ବଛର୍ ଭିତ୍ରେ ରାଜ୍ୟ ସର୍କାର୍ ଲୁକ୍କର୍ ବିଶ୍ୱାସ୍ ଜିତ୍ବାର୍ ସହେତେ ସେବା, ସମର୍ପଣ୍ ଆଉ ସୁଶାସନ୍କେ ଅପ୍ନେଇକରି ରାଜ୍ୟବାସୀଙ୍କର୍ ଆସ୍ଥା ଜିତିପାରିଛେ । କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଆଉ ଶିକ୍ଷା କ୍ଷେତ୍ରଥି ଆସିଥିବା ବୈପ୍ଳବିକ୍ ପରିବର୍ତନ୍ ସର୍କାର୍ଙ୍କର୍ ବିକାଶ୍ମୁଖୀ ଯାତ୍ରାକେ ପ୍ରମାଣିତ୍ କରୁଛେ । ଓଡ଼ିଆ

ଅସ୍ମିତାକେ ଆଧାର୍ କରିକରି ଗୁଟେ ସମୃଦ୍ଧ, ସଶକ୍ତ ଆଉ ପ୍ରଗତିଶୀଳ ଓଡ଼ିଶା ଗଠନ୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରାଜ୍ୟ ସର୍କାର୍ ୨ ବଛର୍ ଭିତ୍‌ରେ ଶହେ ୨୧ ଟା ନୂଆଁ ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍ । ଫିʼ ଗାଁକେ ମୌଲିକ୍ ସୁବିଧା ପହଂଚାବାର୍ ଲାଗି ସର୍କାର୍ କାମ୍ କରୁଛନ୍ । ଗାଁନୁ ସହର୍, ଜମିନ୍‌ନୁ ଶିଳ୍ପ, ଶିକ୍ଷାନୁ ସ୍ୱାସ୍ଥ୍ୟ ଫିʼ ଦିଗେ ସର୍କାର୍ ବିକାଶ୍‌ର ନୂଆଁ ଧାରା ତିଆର୍ କରିଛନ୍ ।

ଗୁଟେ ସମୃଦ୍ଧ, ସଶକ୍ତ ଆଉ ବିକଶିତ୍ ଓଡ଼ିଶା ଗଠନ୍ କର୍‌ବାର୍ ଲକ୍ଷ୍ୟ ଆଉ ସଂକଳ୍ପ ନେଇକରି ସର୍କାର୍ ବିକାଶ୍ ଧାରାକେ ଆହୁରି ତୁର୍‌ତି କରବାର୍ ଲାଗି ମୁଖ୍ୟମନ୍ତ୍ରୀ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସର୍କାର୍‌ଙ୍କର୍ ଗୁଟେ ବଡ଼ ସଫଳତା ସୁଭଦ୍ରା ଯୋଜ୍‌ନା ଅଧୀନ୍‌ଥି ୨ କୋଟି ୬୦ ଲାଖ୍ ମହିଳାଙ୍କୁ ଆର୍ଥିକ୍ ହିସାବେ ସ୍ୱାବଲମ୍ବୀ କର୍‌ବାର୍ ଲାଗି ସାହାଜ୍ ଦିଆଯାଇଛେ । ଇ ସମିଆ ଭିତ୍‌ରେ

୨୩ ଲାଖ୍ ୫୦ ହଜାର୍ ଲକ୍ଷପତି ଦିଦି ତିଆର୍ କରାଯାଇଛେ । ରାଏଜେ ଖାଦ୍ୟ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍ ଆଏଜ୍‌ଠାନୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନା ମୁଲ୍ କରିଛନ୍ । ଇ ଯୋଜ୍‌ନା ଅଧୀନ୍‌ଥି ହିତାଧିକାରୀମାନ୍‌କୁ ୫ କେଜି ଅଏତ୍‌କା ଚାଉଲ୍ ମାହାଲିଆ ଦିଆଯିବା । ରାଜ୍ୟର୍ ଲୋକସଂଖ୍ୟାର୍ ୮୦ ପ୍ରତିଶତ୍ ଲୁକ୍‌କୁ ଅଏତ୍‌କା ଚାଉଲ୍ ଦିଆଯିବା । ୨୦୨୭ ମସିହାତକ୍ ରାଜ୍ୟର୍ ସବୁ ଗାଁକେ ବିଜ୍‌ଲି ସଂଯୋଗ୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଗଲା ୨ ବଛର୍ ଭିତ୍‌ରେ ସର୍‌କାର୍ ୧୪ ହଜାର୍ ୬ ଶହ ୫୧ ଟା ଅଭିଯୋଗ୍ ଗ୍ରହଣ୍ କରିଛନ୍ । ସେଥିର୍‌ଭିତ୍‌ରୁ ୯୫ ପ୍ରତିଶତ୍ ଅଭିଯୋଗ୍‌ର ସମାଧାନ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟସଭା ସାଂସଦ୍ ମନମୋହନ୍ ସାମଲ୍, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍ ଆଉ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜ୍‌ନା ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ବିଜେପି ସରକାର୍‌ର ୨ ବଛରର୍ ବିକାଶ୍ ଆଉ ବ୍ୟାପକ୍ ଉପଲବ୍ଧିକେ ନେଇକରି ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଚାଲିଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ବହୁତ୍‌ଟେ ବିକାଶ୍‌ମୂଳକ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ଶହେ ୨୪ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅପ୍ ମେଥ୍‌ମେଟିକ୍ସ୍‌କୁ ଇନ୍‌ଫୋସିଟି ଭାୟା ଏକାମ୍ର କାନନ୍ ରାସ୍ତାର୍ ମୁଖ୍ୟମନ୍ତ୍ରୀ ଆଏଜ୍ ଶୁଭାରମ୍ଭ କରିଛନ୍ । ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଠାନେ ୫ ଶହ ୭୪ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ଜନାଶ୍ରୟ ଭବନ୍‌ର ଭିଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଉ କିଛି ସମିଆ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇ ଯୋଜ୍‌ନା ଅଧୀନ୍‌ଥି ଜାତୀୟ ଖାଦ୍ୟ ସୁରକ୍ଷା ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଅଏତ୍‌କା ୫ କେଜି ଚାଉଲ୍ ମିଲ୍‌ବା । ଇଥି ରାଜ୍ୟର୍ ୩ କୋଟି ୨୮ ଲାଖ୍ ୫୮ ଲାଖ୍ ହିତାଧିକାରୀ ଉପକୃତ୍ ହେବେ । ଇ ଯୋଜ୍‌ନା ଲାଗୁ ହେବାର୍ ଉତ୍‌ରୁ ମାସ୍‌କୁ ଝନ୍‌ପିଛା ୧୦ କେଜି ଚାଉଲ୍ ମିଲ୍‌ବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ବଛର୍‌କ ୮ ହଜାର୍ ୮ ଶହ ୧୩ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ସେନ୍ତା ରାଜ୍ୟର୍ ସବୁ

ଅଙ୍ଗନବାଡ଼ି କର୍ମୀ ମହିଳା ସୁପର୍ଭାଇଜର୍ ଆଉ ବ୍ଲକ୍ ସଂଯୋଜକ ମାନ୍କୁ ସ୍ମାର୍ଟଫୋନ୍ ପ୍ରଦାନ୍‌ର ଶୁଭାରମ୍ଭ ସହେତେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଶକ୍ତି ସମ୍ବାଦ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ ବଲି ଜନାପଡ଼ିଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଅଲ୍‌ଗା ମନ୍ତ୍ରୀ, ବିଧାୟକ୍, ମୁଖ୍ୟ ଶାସନ୍ ସଚିବ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଅଛନ୍ ।

ନିଟ୍ ୟୁଜି ପୁନଃ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍-ଏନ୍‌ଟିଏ ପରିଚାଲିତ୍ ନିଟ୍ ୟୁଜି ପୁନଃ ପରୀକ୍ଷା ସମିଆକେ ଶହେ ୯୫ ମିନିଟ୍‌କେ ବଢ଼ାଯାଇଛେ । ପରୀକ୍ଷାର୍ଥୀମାନ୍‌କୁ ୧୫ ମିନିଟ୍ ଅଏତ୍‌କା ସମିଆ ଦିଆଯିବା । ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ନିଟ୍ ୟୁଜି ପୁନଃ ପରୀକ୍ଷା ଉପର୍‌ବେଲା ୨ ବଜେନୁ ମୁଲ୍ ହେଇକରି ୫ ବାଜିକରି ୧୫ ମିନିଟ୍‌ତକ୍ ଚାଲ୍‌ବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ନିଟ୍ ୟୁଜି ପୁନଃ ପରୀକ୍ଷାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପରୀକ୍ଷାର୍ଥୀମାନ୍‌କର୍ ଲାଗି ମାହାଲିଆ ବସ୍ ସେବାର୍ ବ୍ୟବସ୍ଥା କରାଯାଇଛେ ।

ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତରଫୁ ଦିଆଯାଇଥିବା ନିର୍ଦ୍ଦେଶ୍ ଅନ୍‌ସାରେ ପରୀକ୍ଷାର୍ଥୀମାନେ ନିଜର୍ ଏଡ୍‌ମିଟ୍ କାର୍ଡ୍ ଦେଖେଇକରି ରାଜ୍ୟର୍ ସଡ଼କ୍ ଆଉ ପରିବହନ୍ ନିଗମ୍‌ର ବସ୍‌ଥି ମାହାଲିଆ ଯାଇପାର୍‌ବେ । ରାଜ୍ୟର୍ ଶହେ ୩୪ ଟା ପରୀକ୍ଷା କେନ୍ଦ୍ର ନ ମୋଟ୍ ୫୬ ହଜାର୍ ୯ ଶହ ୮୩ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବଲି ଜନାପଡ଼ିଛେ ।

## ଶିଶୁ ଶ୍ରମିକ ନିରୋଧ୍ ଦିବସ

ଆଇ.ଆଣ୍ଡ୍.ପି.ଆର୍/ସମ୍ବଲପୁର/ନୂଆପଡ଼ା/ବଲାଙ୍ଗିର

ଶିଶୁ ନିର୍ଯ୍ୟାତନା ରୁକ୍‌ବାର୍ ଆର୍ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ସାରା ପୁର୍‌ଥି ନ ଆଏଜ୍ ଶିଶୁ ଶ୍ରମିକ ନିରୋଧ୍ ଦିବସ୍ ପାଲନ୍ କରାଯାଉଛେ । ଛୁଆମାନ୍‌କୁ ତାଙ୍କର୍ ହକ୍ ଦେବାର୍ ସହେତେ ଭବିଷ୍ୟତ୍ ସୁନିଶ୍ଚିତ୍ କର୍‌ବାର୍ ଦିଗେ ଲୁକ୍‌କୁ ଜନାବାର୍ ଲାଗି ଫି' ବଛର୍ ଜୁନ୍ ୧୨ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଶିଶୁ ଶ୍ରମିକ ନିରୋଧ୍ ଦିବସ୍‌ର ବାର୍ତା ହେଉଛେ 'ଶିଶୁ ଶ୍ରମକେ ଲାଲ୍ କାର୍ଡ୍ ଛୁଆମାନ୍‌କର୍ ଲାଗି

ନ୍ୟାୟପୂର୍ଣ୍ଣ ଖେଲ୍, ବୟସ୍କ ମାନ୍‌କର୍ ଲାଗି ଠିକ୍ କାମ୍’। ଶିଶୁ ଶ୍ରମିକ୍ ପ୍ରଥାକେ ପୁରାପୁରି ବନ୍ଦ୍ କର୍‌ବାର୍ ଲାଗି ସାରା ପୁର୍‌ଥି ନ ସମର୍ଥକ୍‌ମାନ୍‌କୁ ଏକ୍‌ଠାନିଆ କର୍‌ବାର୍ ହେଉଛେ ଇ ଲାଲ୍‌କାର୍ଡ଼ର ମୁଲ୍ ଉଦ୍ଧେଶ୍ୟ। ଇ ଅଭିଯାନ୍‌ର ମୁଲ୍ ଲକ୍ଷ୍ୟ ହେଉଛେ, ଝନେ ଛୁଆକେ ଶିଖ୍‌ବାର୍ ଲାଗି ଶିକ୍ଷାଦେବାର୍ ଉଚିତ୍- ବାଧ୍ୟବାଧକତାଥି ଛୁଆମାନେ ରୋଜ୍‌ଗାର୍ କର୍‌ବାର୍‌ଟା ନୁହେଁ। ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଖାସ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଯାଇଛେ।

ଇ ଦିବସ୍ ଅବ୍‌ସରେ ରାଜ୍ୟ ଶ୍ରମ ଆଉ କର୍ମଚାରୀ ରାଜ୍ୟବୀମା ବିଭାଗ୍ ତର୍‌ଫୁ ଶିଶୁ ଶ୍ରମିକ୍ ବିରୋଧୀ ଅଭିଯାନ୍ ମୁଲ୍ ହେଇଛେ। ଇ ଅଭିଯାନ୍ ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା।

ଭୁବ୍‌ନେଶ୍ୱର୍ ଖାରବେଳ ନଗର୍ ନ ଥିବା ଶ୍ରମ ନିର୍ଦ୍ଦେଶାଳୟ ପରିସର୍ ନ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଚିତ୍ରା ଅରୁମୁଗମ୍ ଶିଶୁ ଶ୍ରମ ବିରୋଧୀ ପୋଷ୍ଟର୍ ଉନ୍ମୋଚନ୍ କର୍‌ବାର୍ ସହେତେ ଶିଶୁ ଶ୍ରମ ନିରାକରଣ୍ ରଥର୍ ଶୁଭାରମ୍ଭ କରିଛନ୍।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିଶ୍ୱ ଶିଶୁ ଶ୍ରମ ନିରୋଧ୍ ଦିବସ୍ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଗୁଟେ

ସଚେତନତା ରଥ ବାହାରିଥିଲା । ଇ ସଚେତନତା ରଥ ଆଏବା ୧୫ ଦିନ୍‌ତକ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ବୁଲ୍‌ବା । ଇତାର୍ ସହେତେ କୁଚିଣ୍ଡା ଆଉ ରେଙ୍ଗାଲି ଇଲାକା ନ ସଚେତନତା ପଦଯାତ୍ରା ଭିଲ୍ କରାଯିବା ।

ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ସଚେତନତା ରଥ ସହର୍ ପରିକ୍ରମା କରିକରି ୧୪ ବଛର୍‌ନୁ କମ୍ ବୟସର୍ ଛୁଆମାନ୍‌କୁ ଶିଶୁ ଶ୍ରମିକ୍ ଭାବେ ନିଯୁକ୍ତି ନାଇଁ ଦେବାର୍ ଲାଗି ବାର୍ତା ଦିଆଯାଉଛେ ।

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିଶ୍ୱ ଶିଶୁ ଶ୍ରମିକ୍ ଉଚ୍ଛେଦ୍ ଦିବସ୍ ଅବ୍‌ସରେ ୫ ଟା ସଚେତନତା ରଥକେ ଜିଲ୍ଲାପାଲ୍ ଶୁଭାରମ୍ଭ କରିଛନ୍ । ଶିଶୁ ଶ୍ରମିକ୍ ନିରାକରଣ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିଲ୍ ଆଲୋଚନାଚକ୍ରମାନ୍ ଆୟୋଜନ୍ କରାଯାଇଥିଲା ।

ହାତୀ ପ୍ରଶିକ୍ଷଣ୍ କେନ୍ଦ୍ର କଲାହାଣ୍ଡି ସମ୍ବାଦଦାତା

ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆଏଜ୍ କଲାହାଣ୍ଡି ଗସ୍ତଥି ଆସିକରି ଶିର୍‌ଲିଗୁଡ଼ା

ମେଗା ନର୍ସରୀଥି ଓଡ଼ିଶାର୍ ପହେଲା ହାତୀ ପ୍ରଶିକ୍ଷଣ୍ କେନ୍ଦ୍ର ଉଦ୍‌ଘାଟନ୍ କରିଛନ୍ । ଉଗ୍ର ଆଉ ଜନବସତି ମୁହାଁ ହାତୀମାନ୍‌କୁ ଉଦ୍ଧାର୍ କରିକରି ପ୍ରଶିକ୍ଷଣ୍ ଆଉ ଚିକିତ୍ସା ସୁବିଧା ଦିଆଯିବା । କର୍ଲାପାଟ୍ ଅଭୟାରଣ୍ୟ ନ ଗୁଟେ ୱାଚ୍ ଟାୱାର୍ ଭିଲ୍ ଉଦ୍‌ଘାଟିତ୍ ହେଇଛେ । ତାର୍ ଉତ୍‌ରୁ ଭବାନୀପାଟ୍‌ନା ନ ବିଜେପି ତର୍‌ଫୁ ଆୟୋଜିତ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେଇକରି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସଫଲତା ଉପସ୍ଥାପନ୍ କରିଥିଲେ । ଭବାନୀପାଟ୍‌ନା ଟାଉନ୍ ହଲ୍ ଠାନେ ବିକାଶ୍‌ର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲା ।

## ସ୍ୱତନ୍ତ୍ର ଗାଁ ଆମ୍ବ ପସରା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କୃଷି ବଜାର୍ ନ ଓର୍‌ମାସ୍ ତର୍‌ଫୁ ଖାସ୍ ଗାଁ ଆମ୍ବ ପସରା ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସ୍ଥାନୀୟ ଚାଷୀମାନ୍‌କର୍ ଉତ୍ପାଦିତ୍ ଆମ୍‌କେ ବଜାର୍ ସୁବିଧା ଯୁଗାବାର୍

ଆଉ ଚାଷୀମାନ୍‌କର୍ କମାନି ବଢ଼ାବାର୍ ଦିଗେ ଏନ୍ତା ପ୍ରଦର୍ଶନୀର୍ ବଡ଼ ଭୂମିକା ନଉଛେ ବଲି କହିଛନ୍ ।

ବିକାଶ୍‌ଧାରା କାର୍ଯ୍ୟକ୍ରମ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହାର ପୁଇଁତଲା ବ୍ଲକ୍ ଭାଲେର୍ ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ପରିସର୍ ନ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ବିକାଶ୍‌ଧାରା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ଲୁଇସିଂହା ବିଧାୟକ୍ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍ ବାବ୍‌ଦେ କହିଥିଲେ । ଇ ଅବ୍‌ସରେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ନୂଆଁ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ବାଂଟ୍‌ବାର୍ ସହେତେ ଭାଲେର୍ ଠାନେ ସୁଭଦ୍ରା ଶକ୍ତି ତର୍‌ଫୁ ତିଆର୍ ହେଇଥିବା ଛେନାପୋଡ଼ କେନ୍ଦ୍ରକେ ଭିଲ୍ ଉଦ୍‌ଘାଟନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ୍ ପର୍ଶ୍ଚିମ ମୌସୁମୀ ବାୟୁ ୨ ନୁ ୩ ଦିନ୍ ଭିତ୍‌ରେ ଓଡ଼ିଶା ପୁହୁଁଚିବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ତାପମାତ୍ରା କମ୍‌ବା । ଆଏବା କାଏଲ୍‌ଠାନୁ ଦକ୍ଷିଣ୍ ଓଡ଼ିଶା ନ ଧରିକରି ବର୍ଷା ଆଉ ପବନ୍ ହେବାର୍ ସମ୍ଭାବନା ରହିଛେ । କାଲ୍‌ବୈଶାଖୀର୍ ପ୍ରଭାବ୍ କମ୍‌ବାର୍ ସହେତେ ମୌସୁମୀ ଆଏବାର୍ ଲାଗି ପାଗ୍ ଅନୁକୂଳ ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପ୍ରାକ୍ ମୌସୁମୀ ବର୍ଷା ମୁଲ୍ ହେଇଯାଇଛେ । ଇ ମାସର୍ ୧୬ ତାରିଖ୍‌ତକ୍ ମୌସୁମୀ ଓଡ଼ିଶା ପୁହୁଁଚିବାର୍ ସମ୍ଭାବନା ରହିଛେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର୍ ୧୮ ଟା ଜିଲ୍ଲା ନ ବିଜ୍‌ଲି, ଘଡ଼ଘଡ଼ି ସହେତେ ବର୍ଷା ଆଉ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ହେବା ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।